
ISSN: 2456-9194, Vol. II, Issue. I, June 2018

ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage: http://cphfs.in/research.php



# ଗାଳ୍ପିକ ଉତ୍ତମ ଚରଣ ନାୟକଙ୍କ ଗଳ୍ପରେ : ଜୀବନ ଦୃଷ୍ଟି ଓ ଦର୍ଶନ

**ସସ୍ମିତା ଜେନା**

**ଗବେଷିକା, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର – 4**

Email: lumi.jena@gmail.com

***ସାରମର୍ମ*** : *ଜୀବନ କହିଲେ କେଇପଟ ଛାଇ ଆଲୁଅର ଜଞ୍ଜାଳତ, ଗୋଟେ ଡ଼ହଳ ବିକଳ ସ୍ୱର । ଏହି କ୍ରମରେ ଦେଖିଲେ ଗାଳ୍ପିକ ଉତ୍ତମ ଚରଣ ନାୟକଙ୍କ ଗଳ୍ପରେ ଜୀବନ ଦର୍ଶନ (Life philosophy) ଏକ ମୁଖ୍ୟ ବିଷୟ । ତାଙ୍କ ଗଳ୍ପରେ ଜୀବନର ସଜୀବ ସତ୍ୟ ସନ୍ଧାନ ନିର୍ଭିକ ରୂପେ ପ୍ରକାଶ କରିଛନ୍ତି । ତାଙ୍କ 'ମାଟିର ତାଜ' , 'ଲକ୍ଷ୍ମୀର ଅଭିସାର', 'ବଡ଼ପୁଅ', 'ବସନ୍ତର ପ୍ରତିବେଶୀ' ଇତ୍ୟାଦି ଗଳ୍ପରେ ଶ୍ରୀ ନାୟକଙ୍କର ଗଭୀର ଜୀବନଦର୍ଶନର ଚିତ୍ର ପରିଲକ୍ଷିତ । ଗାଳ୍ପିକ ତାଙ୍କର ଅନାହାର, ଅପେକ୍ଷାକର, ଲୁଣ୍ଠିତ ସକାଳ, ଧର୍ମାନ୍ତର, ଆଗାମୀ, ମାଟିପୂଜା, ଦାଗ, ଛୁନେରୀର ଦୁଃଖ, ରକ୍ତ ରାଗ ଇତ୍ୟାଦି ଗଳ୍ପରେ ପଛୁଆ ଅନୁନ୍ନତ ଆଦିବାସୀ ଜୀବନର ସରଳତା, ଅସହାୟତା ଓ ମାନବିକତାକୁ ବଖାଣିଛନ୍ତି ।*

*ପ୍ରମୁଖଶବ୍ଦାବଳୀ-(Keywords) - ଉତ୍ତମ ଚରଣ ନାୟକଙ୍କ, ଜୀବନ ଦର୍ଶନ, ରୀତା ବରିଶାଲ, କ୍ଷୁଦ୍ରଗଳ୍ପ, ଅବଶିଷ୍ଟ ଆୟୁଷ*

ଗଳ୍ପ ନିକଟରେ ଜୀବନ ହୁଏ ଗେହ୍ଲା । ସତେକି ପୋଡ଼ୁହାଁ ପୁଅ । କେବେ ତାକୁ ସହିବା ପାଇଁ ଶକ୍ତି ଯୋଗାଏ ତ ପୁଣି କେବେ ହାତରେ ଅସ୍ତ୍ର ଧରେଇ ଅନ୍ୟାୟର ପ୍ରତିରୋଧ କରିବାକୁ ସାହସ ଦିଏ । ପୁଣି କେବେ ଜିଜୀବିଷାରେ ଆତ୍ମ ବିଭୋର ହୁଏତ ପୁଣି କେବେ ଶୂନ୍ୟତାକୁ ଆବୋରି ହତାଶା ଜର୍ଜରିତ ଜୀଇଁବାକୁ ନେଇ ବିଛିନ୍ନତାକୁ ଅନୁସରଣ କରେ । ତେଣୁ କ୍ଷୁଦ୍ରଗାଳ୍ପିକ ଜୀବନ ଭିତରୁ ତାର ଅସରନ୍ତି ହରରଙ୍ଗୀ ପ୍ରବାହ ଭିତରୁ କାହାଣୀ ଖୋଜିବୁଲେ ନାହିଁ । ଅନୁଭୂତିର ଜ୍ୱଳନରେ ବଞ୍ଚିବାର ପ୍ରତ୍ୟେକ ମୁହୂର୍ତ୍ତକୁ କାହାଣୀ କରିଦିଏ । ଏଇ ମୁହୂର୍ତ୍ତରେ ସେ ଜୀବନକୁ ଆବିଷ୍କାର କରେ । ଜୀବନର ଲଳିତ ସୂତ୍ର ଏଥିରେ ହୁଏ ଅଭିବ୍ୟକ୍ତ ।

ଜୀବନ କହିଲେ କେଇପଟ ଛାଇ ଆଲୁଅର ଜଞ୍ଜାଳତ, ଗୋଟେ ଡ଼ହଳ ବିକଳ ସ୍ୱର । ଜୀବନ କହିଲେ ଆମ୍ବ ବଉଳର ଆମ୍ବିଳା ବାସ୍ନାତ, ବୋତଲର ମିଠା ମିଠା ରସ୍ନା । ସବୁକିଛି ତଉଲେ, ଲୁହଦେଇ ଭିଜାଏ, ଲହୁଦେଇ ମଜାଏ ଏଇ ଜୀବନ । ବହୁ ରଙ୍ଗବେରଙ୍ଗର ବୈଚିତ୍ରମୟ ଅପୂର୍ବ ରଙ୍ଗଶାଳା ଏଇ ଜୀବନ । ଜୀବନ ସତରେ ନିଛକ ଅନୁଭବର ଗୋଟେ ସ୍ରୋତ । କେବେ ସେ ଅମଡ଼ା ମାଡ଼ିଯାଏ ତ, କେବେ ତା' ଚିରାଚରିତ ଧାରାକୁ ଆବୋରି ଧିମେଇ ଧିମେଇ ଚାଲେ ଆଗକୁ । ବହୁ ଘାତ ପ୍ରତିଘାତ ହସ-ଲୁହ, ସୁଖ-ଦୁଖ ବିଚାର ଅବିଚାର ଭଲ-ମନ୍ଦର ଫେଣ୍ଟାଫେଣ୍ଟି ଅନୁଭବଟିଏ ଏଇ ଜୀବନ । ଜୀବନ ମଧୁର, ମହନୀୟ ଆଉ ସବୁବେଳେ ଆଶାବାଦୀ । ଜୀବନ ସୁନ୍ଦର ଅନୁପମ । ଜୀବନ ବ୍ୟାପକ । ତା'ର ଅନନ୍ତ ବିସ୍ତାରରେ ରହିଛି ସମୁଦ୍ରର ଅତଳତଳ ପରି ବହୁ ଅନାବିଷ୍କୃତ ଇଲାକା । ତେଣୁ "ସେ ସ୍ଥିର ନୁହେଁ, ସମାନ୍ତରାଳ ନୁହେଁ । ଜୀବନ ଅସ୍ଥିର, ଅଙ୍କାବଙ୍କା । ଜୀବନୁକ ଦେଖି ମଧ ଦେଖିହୁଏ ନାହିଁ । ଛୁଇଁ ମଧ ଛୁଇଁ ହୁଏ ନାହିଁ" ।(ଓଡ଼ିଆ ଗଳ୍ପ- ଉନ୍ମେଷ ଓ ଉତ୍ତରଣ, ପୃ-୨୬୪) ଠିକ୍ ଦୂରଦିଗ୍‌ବଳୟ ପରି ।

ମଣିଷର ଜୀବନ ବଞ୍ଚିବା ଗୋଟେ ଅସରନ୍ତି ଧାରା । ଏଠି ହାରିବା ଜିତିବା ସବୁ ସମାନ ପରି ଲାଗେ । ସେମାନେ ଏକାଧିକ ବାର ପରାସ୍ତ ହେଲେ ମଧ ନିରସ୍ତ୍ର ହୁଅନ୍ତି ନାହିଁ । ଏହିପରି ତାଙ୍କର ସଂଗ୍ରାମ ଜାରିରହିଥାଏ । କେବଳ ବଦଳୁଥାନ୍ତି ପକ୍ଷ ଓ ପ୍ରତିପକ୍ଷ । (ଗୌରହରି ଦାସ- ଭାରତବର୍ଷ)

ଗଳ୍ପ ଆଜିର ନୁହେଁ, କେଉଁ ଆଦିମ କାଳରୁ ଏହାର ସୃଷ୍ଟି । ସେଇଦିନୁ ସେ ମଣିଷର କଥା କହିଆସିଛି । ଅତୀତର ଗାଳ୍ପିକମାନେ ଯେପରି ମାନବବାଦ ଉପରେ ଗଭୀର ଆସ୍ଥା ରଖି ଏକ କ୍ରାନ୍ତିକାରୀ ମନୋବୃତ୍ତିର ସୂଚନା ଦେଇଥିଲେ ଆଧୁନିକ ଗଳ୍ପ ଆଜି ଜୀବନକୁ ଅସଲ ରୂପ ଦେବାରେ ପ୍ରୟାସୀ ହୋଇଛି । ସମସ୍ତ ବିବିଧତା, ବିଭିନ୍ନତା

ଓ ଅନିର୍ଦ୍ଦିଷ୍ଟତା ଭିତରେ ଏକ ସଂହତ ଶକ୍ତିମାନ ରୂପଧରି ଆଜିର ଗଳ୍ପ ଜୀବନର ମୂଲ୍ୟ ଦେବାକୁ ଦଣ୍ଡାୟମାନ ।

ଆଜିର କ୍ଷୁଦ୍ରଗଳ୍ପ ମଣିଷ ଅନୁଭୂତିର ଜୀଅନ୍ତା ଖଣ୍ଡକୁ ଆମ ଆଗରେ ଉପସ୍ଥାପନା କରେ । ଏହି ଜୀବନ ଖଣ୍ଡ ସହ ଏକାନ୍ତ ହୋଇ ପାଠକ ନିଜକୁ ଅନୁଭବ କରିବା ସଙ୍ଗେ ସଙ୍ଗେ ଜଟିଳତା ଭରା ବ୍ୟାପକ ଜୀବନ ସମ୍ପର୍କରେ ଧାରଣା ପାଇଥାଏ। "ଆଜିର ଗଳ୍ପ ଜୀବନର ବାହ୍ୟତାକୁ ଭେଦକରି ତାର ଅଭ୍ୟନ୍ତରକୁ ଭେଦିବାର ପ୍ରଚେଷ୍ଟା କରେ । ଆଜିର କ୍ଷୁଦ୍ରଗଳ୍ପ କାହାଣୀରେ ନାହିଁ, ଅଛି ଜୀବନର ଅବବୋଧରେ । ତା ପାଖରେ ଜୀବନ କାହାଣୀ ନୁହେଁ, ଜୀବନ ହିଁ କାହାଣୀ" । ଅଯତ୍ନ ବର୍ଦ୍ଧିତ ଘାସ ଫୁଲଠାରୁ ଆରମ୍ଭ କରି ନନ୍ଦନ ବନର ସତନ୍ନବର୍ଦ୍ଧିତ ପାରିଜାତ ପୁଷ୍ପ ପର୍ଯ୍ୟନ୍ତ, ଅଜ୍ଞାତ ପଲ୍ଲୀଠାରୁ ଆମ୍ଭର କରି ମାନବେତର ପଶୁପକ୍ଷୀ ପର୍ଯ୍ୟନ୍ତ, ଅଜ୍ଞେୟ ମଣିଷଠାରୁ ବୁଦ୍ଧିଜୀବି ପର୍ଯ୍ୟନ୍ତ କ୍ଷୁଦ୍ରଗଳ୍ପ ଶିଳ୍ପ ସମ୍ଭାରର ସୃଷ୍ଟି ଉସି ।

ତେବେ ଗଳ୍ପରେ ଜୀବନ ଦର୍ଶନ ଆଜିର ନୁହେଁ, କେଉଁ ଅନାଦି କାଳରୁ । କାରଣ, କୌଣସି କାଳରେ ଜୀବନ ଗଳ୍ପଠାରୁ ଦୁରେଇ ନାହିଁ । Life is story, story is life, ଚୁଆଁଚୁଇଁର କଥା ହେଉକି ରାଜରାଣି ବୁଢୀ ଅସୁରୁଣୀ କଥାହେଉ, ସେ ସାଧବ ସାତଭାଇର ବୋଇତ ବନ୍ଦାଣ କଥାହେଉ କି ସାତତାଳ ପାଣି ଆଠତାଳପଙ୍କର ସୁନାର ଫରୁଆ କଥାହେଉ ସବୁଠି ରହିଛି ଜୀବନର ପରିଭାଷା, ଜୀବନର କଥା । ଦୁଃଖ ଯନ୍ତ୍ରଣାର ଅଥଳ ଭିତରେ ଗେଞ୍ଜାଗେଞ୍ଜି ସୁଖ ଟିକିଏ ଦିଶିଯାଏ ଆଦ୍ୟ ସ୍ଫୁରଣର କଥା ସାହିତ୍ୟରୁ । ସାରସ୍ୱତ ସାଧକ ଫକୀରମୋହନଙ୍କ ସାହିତ୍ୟରେ ମଧ ଜୀବନବାଦୀ ଦୃଷ୍ଟିଭଙ୍ଗୀର ଛବି ପରିଲକ୍ଷିତ ହୁଏ । 'ରେବତୀ' ଗଳ୍ପରେ ଜେଜୀମାର ରେବତୀ ପ୍ରତି ଯେଉଁ କଟୁକ୍ତି ତାହା ମଧ ସୂଚିତ କରେ ଜୀବନର ପରିଭାଷାକୁ । ଲୋ ରେବତୀ ଲୋରେବୀ ଲୋନିଆଁ ଲୋ ଚୁଲି....... ଇତ୍ୟାଦି ଅଭି ସଂପାତର ରୁକ୍ଷତା ତଳେ ତଥାପି ବୁଢୀ ପ୍ରାଣରେ ସ୍ନେହଁ ପ୍ରେମର ସୂକ୍ଷ୍ମ ଧାରଟିଏ ବିଦ୍ୟମାନ ଥିଲା । ରେବତୀ ବିବାହ କରୁ, ସୁଖରେ ଘରସଂସାର କରୁ, ସେହି ଚିନ୍ତା ଓ ଅଭିବ୍ୟକ୍ତି ଏଥିରେ ନିହିତ । ସେହିପରି "ପେଟେଣ୍ଟ୍ ମେଡ଼ିସିନ୍‌ରେ ସର୍ବସଂହା ସୁଲୋଚନା ଦେବୀ ସ୍ୱାମୀଙ୍କୁ କୁପଥରୁ ମୁକ୍ତି କରିବା ପାଇଁ ଉଗ୍ରରୂପ ଧରିବା, ତାପରେ କୃତକର୍ମ ଲାଗି ଅନୁଶୋଚନା ଭିତରେ ସତେକି ଦିଶିଯାଏ ଜୀବନର ବିସ୍ତାରିତ ରୂପ । କେତେ ପାଖୁଡ଼ା ମେଲିବସେ ଏଇ ଜୀବନ । ମଣିଷକୁ ଜୀବନର ଆଲୋକିତ ଅଂଶତକ ଦେଖାଇଦେବା ଫକୀରମୋହନଙ୍କ ଗଳ୍ପର ଅନ୍ୟତମ ଆଭିମୂଖ୍ୟ । ଫକୀରମୋହନଙ୍କ ପରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ 'ବୁଢାଶଙ୍ଖାରି'ରେ ଏହି ଅବବୋଧ ଲକ୍ଷଣୀୟ । ବୁଢାଶଙ୍ଖାରିଟି କୌଣସି ପ୍ରତିଦାନର ପ୍ରତ୍ୟାଶା ନରଖି ସୌନ୍ଦର୍ଯ୍ୟର ଏକନିଷ୍ଠ ଭକ୍ତଟିଏ ହେବାର ଓଡ଼ିଆ ସାହିତ୍ୟରେ ବିରଳ । ସେହିପରି ସଚ୍ଚିରାଉତରାୟଙ୍କ ଗଳ୍ପରେ ଜୀବନ ଦର୍ଶନ ଯେମିତି ତାଙ୍କର ନିଜସ୍ୱ । ଅନେକ ଚରିତ୍ର ଭୂମିକାରେ ସେ ଯେମିତି ନିଜେ ଅବତୀର୍ଣ୍ଣ/ଯେଉଁଭଳି ସେ ଜୀବନକୁ ଅନୁଭବ କରିଛନ୍ତି, ଜାଣିଛନ୍ତି, ସେଇଭଳି ସେ ଆଙ୍କିଛନ୍ତି । ସେ ତାଙ୍କର 'ଅମାବାସ୍ୟାର ଅର୍ଘ୍ୟ' ଗଳ୍ପରେ ଜୀବନ ସମ୍ପର୍କରେ ସେ ନାୟିକା ସୁନନ୍ଦାଙ୍କୁ କହିଛନ୍ତି- "ବଞ୍ଚିବାଟା ମୋ ପାଖରେ ଗୋଟାଏ ଚରମ ବସ୍ତୁ ନୁହେଁ । ଏହା ଗୋଟିଏ ପ୍ରାଣାଳୀ- ଏକ ରକମର ଏକ୍‌ସପେରିମେଣ୍ଟ । ଏଥିରୁ ମୁଁ ଆନନ୍ଦ ପାଏ, ଦୁଃଖବି ପାଏ । ଏଦୁଇଟା ଯାକକୁ ନେଇ ମୋର ବଞ୍ଚିବାର ଶୋଭାଯାତ୍ରା ।" (ସଚି.ଗ.ସ.ପୃ-୩୫)

ସେହିପରି ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ 'ଦ୍ୱିତୀୟ ଶ୍ମଶାନ'ରୁ 'ଅବଶିଷ୍ଟ ଆୟୁଷ' ପର୍ଯ୍ୟନ୍ତ ଗଳ୍ପମାନସ ଜୀବନର ଗତିଧାରାରେ ସ୍ମୃତି ଓ ଚେତନାର ଏକ ନିଖୁଣ ପଦଚିହ୍ନ ଆଙ୍କିଛନ୍ତି । ତାଙ୍କର ସମସ୍ତଗଳ୍ପ ଜୀବନର ସାମଗ୍ରିକ ମୂଲ୍ୟବୋଧ ପ୍ରତି ଏକ ଗଭୀର ଆବେଗମୟ ସଂକେତ । ପୁଣି ସେ କୁହନ୍ତି- "ଜୀବନକୁ ବ୍ୟକ୍ତିଗତ ଭାବରେ ବଞ୍ଚାଯାଏ, ସାମୂହିକ ଭାବରେ ମିଳିତ ଭାବରେ ନୁହେଁ ।" ଜୀବନକୁ ଯିଏ ଯେଉଁଭଳି ଦେଖେ ଜୀବନ ତାକୁ ସେଭଳି ଭାବେ ପ୍ରତିକିତ ହୁଏ । କିଏ ଦୁଃଖର ଦାବାନଳ ଭିତରେ ବି ଫୁଟେଇପାରେ ସୁଖର ବିମଳହାସ୍ୟ । ଆଉ କେହି ଜୀବନର କିଞ୍ଚିତ୍ ଦୁଃଖରେ ଆଶାଶୂନ୍ୟ ହୋଇଯାଏ । ତେଣୁ ଜୀବନ ଗୋଟେ ଆର୍ଟ । ଭଗବତୀଙ୍କ 'ସମୟାତୀତ' ଗଳ୍ପରେ ସତ୍ୟତା ଜୀବନକୁ ସୂକ୍ଷ୍ମ ଭାବରେ ଉପଭୋଗ କରେ । ତା ଜୀବନବୋଧ ଭିତରେ ନ ଥାଏ ବିଚାର ବିମର୍ଷ । ତା ମତରେ "ଯେଉଁ ବିଷୟ ମୋତେ ଯେପରି ଆମୋଦ ଦିଏ, ମୋ ପ୍ରାଣରେ ଯେପରି ସ୍ପନ୍ଦନ ଆଣେ ସେହି ଅନୁସାରେ ମୁଁ ତାକୁ ଭଲ ବା ମନ୍ଦବୋଲି କହିଥାଏ" । ସେହିପରି ମନୋଜ ଦାସଙ୍କ ଗଳ୍ପ ସତେକି ଜୀବନର ଅନ୍ତଶ୍ଚେତନାର ଚିତ୍ର । ତାଙ୍କ ସୃଷ୍ଟିରେ ମଣିଷ ଜୀବନର ସବୁକିଛି ଗଳ୍ପ ଆକାରରେ ଉତୁରି ଆସିଛି । ଜୀବନର ନିୟମକୁ ନେଇ 'ହିରଣ୍ୟ ଗର୍ଭ' ଗଳ୍ପରେ ରବି ପଟ୍ଟନାୟକ କହିଛନ୍ତି- "ଆମେମାନେ ସମସ୍ତେ ସମୟର ଏକ ନିର୍ଦ୍ଦିଷ୍ଟ ପରିପ୍ରେକ୍ଷୀରେ ଅଛୁ । କିନ୍ତୁ ଆମେ ଗଡ଼ି ଚାଲିଛୁ ଏକ ଏକ ମୁହାଁ ହୋଇ । ମାଡ଼ିଚାଲିଛୁ ସେଇ ଶୂନ୍ୟତାର ଗଧର ଆଡ଼କୁ । ରାସ୍ତା ଗୋଟାଏ - ଏକ ମୁହଁ । ଜୀବନର ଅବଶ୍ୟମ୍ଭାବୀ, ନିର୍ମମ ପରିଣତି" ।(ଓଡ଼ିଆ ଗଳ୍ପରେ ନବଚେତନା, ପୃ-୬୮) ଅଖିଳ ମୋହନଙ୍କ ଗଳ୍ପରେ ଜୀବନର ସକଳ ଅପୂର୍ଣ୍ଣତା ସତ୍ତ୍ୱେ ମଣିଷକୁ ଯେ ତା'ର ଜୀବନ ଅତ୍ୟନ୍ତ ଭଲ ଲାଗେ, ସେହି ଜୀବନ ପ୍ରିୟତାର ଦର୍ଶନକୁ ନାନା ଚରିତ୍ର ମାଧମରେ ଉପସ୍ଥାପନା କରିଛନ୍ତି ।

ସତରେ ଆଜିର ଗଳ୍ପରେ ଜୀବନ ହିଁ ମୁଖ୍ୟ ଉପଜୀବ୍ୟ। କ୍ରୃତିମ ନାଟକୀୟତାର ସ୍ୱଚ୍ଛତା ଯୋଗୁଁ ଆଜିର ଗାଳ୍ପିକମାନଙ୍କର ଗଳ୍ପ ଜୀବନନିଷ୍ଠ ହୋଇଛି । ଆଜିର ଗାଳ୍ପିକ ଜୀବନର ବ୍ୟାପକତା ଭିତରେ ମଜିଯାଇ ତାରି ଭିତରୁ ତେଜସ୍କ୍ରୀୟ ମୁହୂର୍ତ୍ତଗୁଡ଼ିକୁ ସେ ସାଉଁଟି ଆଣେ । ସେଥିପାଇଁ ଡ଼କଫର କବିତା ବାରିକ ଉଲ୍ଲେଖ କରିଛନ୍ତି- "ଏହା ସତ ଯେ ଆଧୁନିକ ଗଳ୍ପରେ ସମାଜ ଅପେକ୍ଷା ବ୍ୟକ୍ତିର ମନ ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଛି । ଜୀବନ ଉପରେ ଏକ୍‌ସପେରିମେଣ୍ଟ କରିବା ପାଇଁ ସତେଯେମିତି ଏ ସମୟର ଗାଳ୍ପିକ ଶପଥ ନେଇଛି । ତେଣୁ ଆଧୁନିକ ଗଳ୍ପ ଅଧିକ ଜୀବନଧର୍ମୀ" । ଆଜିର ଲେଖକ

ଜୀବନର ମହନୀୟତା ଉପଲବ୍ଧ କରି ଜୀବନର କର୍ତ୍ତବ୍ୟନିଷ୍ଠା ପ୍ରବୃତ୍ତି ପ୍ରତି ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି । ସାହିତ୍ୟ ତାଙ୍କ ପାଇଁ ଭୋଗ ବିଳାସ, ଏକ ଅନୁଭୂତି ଓ ଅନୁଭବର ମିଶ୍ରିତ ଜୀବନ । 'କଳାପାଇଁ କଳାର ସୃଷ୍ଟି' ସତ୍ୟକୁ ସେ ଅଧିକ ବିଶ୍ୱାସ ନକରି ତାଙ୍କ ସୃଷ୍ଟିରେ ଜୀବନ ଆଗ କଳାପରେ, ଫଳତଃ ଜୀବନକୁ ଆଖି ଆଗରେ ରଖି ସେ ଗଳ୍ପ ସୃଷ୍ଟି କରିଛନ୍ତି । ସେଥିପାଇଁ ପ୍ରଫେସର ବୈଷ୍ଣବ ଚରଣ ସାମଲ କୁହନ୍ତି "ଜୀବନକୁ ଠିକ୍‌ଭାବେ ବୁଝି ନପାରିଲେ ଗଳ୍ପ ଲେଖିହୁଏ ନାହିଁ । ଯିଏ ଜୀବନକୁ ବୁଝେ, ଦୁଶ୍ଚିନ୍ତା, ଦୁର୍ଘଟଣା ଓ ପ୍ରତିକୂଳ ପରିସ୍ଥିତି ସଂପର୍କରେ ସଚେତନ ହୁଏ, ସିଏ ଯେଉଁ ଗଳ୍ପ ଲେଖେ ତାହା କଳ୍ପନାର ହୁଏ ନାହିଁ, ହୁଏ ଜୀବନ ଯନ୍ତ୍ରଣା ଓ ଜୀବନ ଅନ୍ୱେଷଣର ସାର୍ଥକ ପ୍ରତିଲିପି" ।

ଏହି କ୍ରମରେ ଦେଖିଲେ ଗାଳ୍ପିକ ଉତ୍ତମ ଚରଣ ନାୟକଙ୍କ ଗଳ୍ପରେ ଜୀବନ ଦର୍ଶନ (Life philosophy) ଏକ ମୁଖ୍ୟ ବିଷୟ । ତାଙ୍କ ଗଳ୍ପରେ ଜୀବନର ସଜୀବ ସତ୍ୟ ସନ୍ଧାନ ନିର୍ଭିକ ରୂପେ ପ୍ରକାଶ କରିଛନ୍ତି । ଜୀବନକୁ ସେ ଅତି ପାଖରୁ ଦେଖିଛନ୍ତି, ଅନୁଭବ କରିଛନ୍ତି ତାର ମାଧୁରିମାକୁ । ଜୀବନ ପ୍ରତି ଗଭୀର ଅନ୍ତର୍ଦୃଷ୍ଟି ସହିତ ପାରମ୍ପରିକ ମୂଲ୍ୟବୋଧ ପ୍ରତି ସଚେତନ ହୋଇ ଗଳ୍ପ ରଚନା କରିବାରେ ଓଡ଼ିଆ କଥା ସାହିତ୍ୟରେ ଉତ୍ତମ ଚରଣ ନାୟକ ସିଦ୍ଧହସ୍ତ ।

ତାଙ୍କ 'ମାଟିର ତାଜ' ଗଳ୍ପରେ ଜୀବନରେ ଅନେକ ଅଶାନ୍ତିର ଭଉଁରୀ ଭିତରେ ତଳକୁ ତଳକୁ ଖସି ଯାଉଥିବା ମଣିଷର ଜୀବନରେ ଶାନ୍ତି ଟିକକର ପ୍ରୟାସ । ଜୀବନଟା ସୁଖ-ଦୁଃଖର ମିଶ୍ରିତ ରୂପ । ଖାଲି ଦୁଃଖ ହେଲେ ସେ ଜୀବନ ନିରର୍ଥକ । ଖାଲି ସୁଖ ହେଲେ ଜୀବନକୁ ଅନୁଭବ କରିହୁଏନି । 'ପମୀ'ର ଆଜି ସେଇ ଅବସ୍ଥା । ଦିନେ ଯେଉଁ ଜୀବନଟା ମନେ ହେଉଥିଲା ଅଜସ୍ର ପୂର୍ଣ୍ଣତାରେ, ଭରପୂର ଆଜି ତାହା ଏକ ବିରାଟ ଶୂନ୍ୟତା ଓ ନିର୍ମମ ହାହାକାରରେ ପରିଣତ ହୋଇଛି । ଯାହାକୁ ଜୀବନର ସବୁକିଛି ଭାବିଥିଲା ସେମାନେ ସବୁ ଦୂରେଇ ଯାଇଛନ୍ତି ନିନ୍ଦା ଅପବାଦର ଅଳିଆ ଗଦାକୁ ତାକୁ ଠେଲିଦେଇ । "ଶେଷରେ ତମେ କଣ ମୋର ଅତ୍ୟନ୍ତ ପ୍ରିୟ ଜୀବନକୁ ଫେରେଇ ଦେଇପାରିବ ନାହିଁ ? ହଁ ସୁମନ ମୋତେ ବଞ୍ଚିବାକୁ ଦିଅ" ।(ପୃ-୬୮) ହଜିଲା ଜୀବନ ପ୍ରତି ମୋହ ଏହି ଗଳ୍ପର ଦୃଷ୍ଟିଭଙ୍ଗୀ ।

ସେହିପରି 'ବସନ୍ତର ପ୍ରତିଦେଶୀ' ରେ ଜୀବନ ଦର୍ଶନର ଚିତ୍ର ପରିଲକ୍ଷିତ । ଜୀବନର ଉତ୍‌ଥାନ ପତନ ଦେଇ ଗତିକଲାବେଳେ କେବେ ପଛକୁ ଫେରି ଚାହେଁନି ରାଜଲକ୍ଷ୍ମୀ । ଛୋଟ ଭାଇ ଭଉଣୀ ପାଇଁ ଦାୟିତ୍ୱ ନିଭାଉ-୨ ନିଜକୁ ଭୁଲିଯାଇଥିବା ରାଜଲକ୍ଷ୍ମୀ ଜୀବନର ମଧ୍ୟାହ୍ନରେ କିନ୍ତୁ ଅସହାୟ ହୋଇପଡ଼େ । ତାର ଏଇ ନିଃସଙ୍ଗ ଏକାକୀତ୍ୱ ଜୀବନକୁ ଗାଳ୍ପିକ ଉଲ୍ଲେଖ କରିଛନ୍ତି - "ଜୀବିକା ପ୍ରାଧାନ୍ୟ ଜୀବନ ଭିତରେ ଅନେକଥର ଏଇମିତି ଚିନ୍ତା ଆସି ଅନନ୍ତରେ ମିଳେଇ ଯାଇଛି । ବସନ୍ତର ମାଧୁରିମା ଆଜି ଯେପରି ସେଇ ଭାବନା ଉପରେ ବହଳିଆ ଛାପଟାଏ ଟାଣି ଦେଇଛି । ସେ ଛାପ ଆଉ ଲିଭିବାର ନୁହେଁ.......? ଏମିତି କେତେ ଦିନ ଆଉ ଶାଳଗ୍ରାମ ଭଳି ଦୁନିଆର ପରିବର୍ତ୍ତନକୁ ଏଡ଼େଇ ଦେଇ ଏଇ ନାମକୁ ନେଇ ବଞ୍ଚିରହିବ..........?? (ପୃ-୧୦୮) ଏଥିରେ ନିଜ ଇଚ୍ଛାମତେ ଜୀବନ ଜୀଇଁ ପାରୁନଥିବା ଜଣେ ଉଚ୍ଚଶିକ୍ଷା ସମ୍ପନ୍ନା ନାରୀର ଜୀବନ ଚିତ୍ର ପ୍ରତିଫଳିତ ହୋଇଛି ।

"ଜୀବନ ଅନ୍ଧାର ନିଃଶ୍ୱାସ" । ରେ ମଧ ରହିଛି ଗଳ୍ପ ନାୟକର ଅସହାୟ ବିଚ୍ଛିନ୍ନତା ମଧଦେଇ ଜୀବନ ଅନ୍ୱେଷା । ସେ ବାରମ୍ବାର ପୃଥିବୀକୁ ପ୍ରଶ୍ନକରିଚାଲେ 'ସେ କିଏ, ସେ କିଏ, ମାତ୍ର ତାର ଉତ୍ତର ପାଏନି ।" ନିୟତ ଏକାକୀ ସେ, ବଡ଼ ବିପନ୍ନ ଓ ଛିନ୍ନମୂଳ ମଧ । ସମସ୍ତଙ୍କଠାରୁ ସେ ବିଚ୍ଛିନ୍ନ ଓ ପୃଥକ ହୋଇ ନିଜ ନିର୍ଜନ ନିଃସଙ୍ଗ ଅସ୍ତିତ୍ୱର ସମ୍ମୁଖୀନ ହେଉଛି । ନାନା ରୂପ ତାର । କେବେ ଖୁଣୀ, ସରାପୀ ଓ ପକେଟ୍ ମାରୁ ତ କେବେ ପ୍ରେମିକ, ଭଦ୍ର, ଶାଳୀନ ଓ ସାମାଜିକ । ନିଜର ବିଭିନ୍ନ ବିଚ୍ଛିନ୍ନ ବିଭକ୍ତ ଜୀବନ ମଧଦେଇ ସେ ଆବିଷ୍କାର କରିଚାଲେ ଆପଣାକୁ ।

'ଲକ୍ଷ୍ମୀର ଅଭିସାର' ଗଳ୍ପରେ ଲକ୍ଷ୍ମୀ ଚାହିଁଥିଲା ସୁଖରେ ଘରସଂସାର କରିବ । ପାଣ୍ଡବାକୁ ନେଇ ସେ କେତେକଣ ସ୍ୱପ୍ନ ଦେଖିଥିଲା । କିନ୍ତୁ ପାଣ୍ଡବାକୁ ଅନ୍ୟ ଗୋଟେ ନାରୀ ସହିତ ଦେଖି ସେ ଆହତ ମନ ନେଇ ଫେରିଆସେ । କିନ୍ତୁ ପର ମୁହୂର୍ତ୍ତରେ ତାର ଭାଙ୍ଗିଯାଇଥିବା ସ୍ୱପ୍ନକୁ ଦୂରକୁ ଫିଙ୍ଗି ସେ ଦେଖେ ତା ମାଆକୁ ଦୁନିଆଁ ଦାଉରୁ ମୁକ୍ତିଦେବାର ସ୍ୱପ୍ନ । ମାଆକୁ କରଜ ଦେଇ ଅତିଷ୍ଠ କରୁଥିବା ରଘୁ ମଦୁଆକୁ ମାରି ନିଜେ ଆତ୍ମହତ୍ୟା କରେ । ଜୀବନ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ମଣିଷ କେମିତି ମୃତ୍ୟୁକୁ ଆଶ୍ରୟ କରିନିଏ ତାହାର ଚିତ୍ର ଏ ଗଳ୍ପରେ ରହିଛି ।

ଗାଳ୍ପିକଙ୍କ 'ବଡ଼ପୁଅ'ରେ ଗୋଟେ ମାଆର ଅପତ୍ୟ ସ୍ନେହ ଆଉ ତା ନିକଟରେ ଗୋଟେ ଅସହାୟ ପୁଅର ବ୍ୟାକୁଳତାର ଚିତ୍ର ଦେଖିବାକୁ ମିଳେ । ପୁଅ ଯେତେବଡ଼ ହେଉନା କାହିଁକି ମାଆ ପାଖରେ କିନ୍ତୁ ସେ ସବୁବେଳେ ଛୋଟ, ଗେହ୍ଲା । ରାତିଦିନ ପରି ସମୟର ପରିବର୍ତ୍ତନରେ ସବୁକିଛି ବଦଳିପାରେ କିନ୍ତୁ ଜନନୀ-ସନ୍ତାନ, ସନ୍ତାନ-ଜନନୀ ଏହାର ସଂଜ୍ଞା । ପରିଭାଷା ସବୁବେଳେ ସମାନ । ସେହିପରି 'ନେପଥ୍ୟ ଶବ ଶୋଭାଯାତ୍ରା'ରେ ଦେଖିବାକୁ ମିଳେ ମଣିଷ କିପରି ପ୍ରଚୁର ଦୁଃଖ-କ୍ଳେଶ ଘାତ-ପ୍ରତିଘାତ ସତ୍ତ୍ୱେ ତା ଜୀବନରୁ କର୍ତ୍ତବ୍ୟ, ସଙ୍କୋଚ ଆଉ ସାଧୁତାକୁ ବାଦ୍ ଦିଏ ନାହିଁ । ତା ପାଇଁ ଜୀଇଁବା କହିଲେ ନିଖିଳ ଜନତା ପାଇଁ, ଜୀବନ କହିଲେ ତ୍ୟାଗ, ସେବା ପରୋପକାର । ଗୋପୀକାନ୍ତ ତାର ପ୍ରକୃଷ୍ଟ ଉଦାହରଣ । ନିଃସ୍ୱାର୍ଥପର, କର୍ମନିଷ୍ଠାରେ ଅଟଳ ଗୋପୀକାନ୍ତ ବିଷୟରେ ଗାଳ୍ପିକ କୁହନ୍ତି- "ଗୋପୀକାନ୍ତ ମୁଣ୍ଡରେ ଅନେକ ଚିନ୍ତା ରାଉରକେଲାର ଚିନ୍ତା....? ଅତ୍ୟାଚାରିତ ମଜ୍‌ଦୁରମାନଙ୍କର ଚିନ୍ତା । ସେ ସେଇମାନଙ୍କ ଜୀବନ ସମସ୍ୟାକୁ ଅଙ୍ଗେ ଲିଭାଇଛି । ନିଜେ ନିଜର ସ୍ୱପ୍ନ ବିଭୋର ଜୀବନକୁ ଅନ୍ୟମାନଙ୍କ ସହିତ ସାମିଲ କରୁଛି । ସେ ଅପେକ୍ଷା କରିଛି ସୁନେଲି ସ୍ୱପ୍ନର ଆସନ୍ତା ପ୍ରଭାତକୁ" ।(ପୃ-୧୫୬) ଦୁଃସ୍ଥିତି ମଣିଷକୁ ସଂଘର୍ଷମୟ କରିଦିଏ ସତ, କିନ୍ତୁ ଜୀବନକୁ ମହନୀୟତାରେ ପରିଣତ କରିଦିଏ ।

ସାଧାରଣ ଭିକାରୀରୁ ଉପର ପାହାଚକୁ ଉଠିଥିବା ମଣିଷ ଯେତେବେଳେ ନିଷ୍ଠୁର ସମାଜର ଛଳନା ପ୍ରତାରଣାର ଟେରିଲିନ୍ ପୋଷାକ ପିନ୍ଧା ମଣିଷମାନଙ୍କୁ ଦେଖେ, ତା ଆତ୍ମପ୍ରତ୍ୟୟରେ ଉଇ ଲାଗିଯାଏ । ସେ ଭଗବାନ୍ଙ୍କ ନିକଟରେ ପ୍ରାର୍ଥନା କରେ "ମୋତେ ଫେରେଇଦିଅ ପ୍ରଭୁ ସେଇ ଚିରାଚରିତ ଭିକାରି ଚରିତ୍ରକୁ" । ଯାହା 'ଝରିପଡୁଥିବା ନିଃସଙ୍ଗ ପତ୍ରଟିଏ'ରେ ନରସିଂହା ଚରିତ୍ରର ଜୀବନ ଦର୍ଶନରୁ ପ୍ରତିଭାତ ହୁଏ । ନରସିଂହା ଭିକାରିରୁ ରୂପାନ୍ତରିତ ହୋଇଥିଲା ରେଳକର୍ମଚାରୀରେ ଚାରିପୁଅ ଆଉ ଗୋଟିଏ ଝିଅକୁ ପାଠ ପଢ଼େଇ ପ୍ରତିଷ୍ଠିତ କରିପାରିଥିଲା । କିନ୍ତୁ ମଣିଷ ପାଞ୍ଚେ ଦଇବ ଭାଙ୍ଗିଲା' ନ୍ୟାୟରେ ନରସିଂହାର ଆଶା ସବୁ ମିଳେଇ ଯାଇଥିଲା । ପିଲାମାନେ ତାକୁ କରିଥିଲେ ହତାଦର । ମଣିଷର ବୟସ ଅତିକ୍ରାନ୍ତ ହେଲେ ନିଜ ପିଲାମାନଙ୍କଠାରୁ କିପରି ଅଖୋଜା ଅଲୋଡ଼ା ହୋଇ ଅସହାୟ ଜୀବନ ବିତାନ୍ତି ତାହାର ଉଦାହରଣ ନରସିଂହ ଜୀବନ ମାଧ୍ୟମରେ ସମାଜକୁ ସୁଚେଇଛନ୍ତି ।

ଅନୁତାପ ମଣିଷକୁ ଦଗ୍ଧିଭୂତ କରେ । ଜୀବନକୁ ତିଳତିଳ କରି ଜାଳେ । ଜୀବନ ସେଠି ହୋଇଯାଏ ଗୋଟେ ପେଣ୍ଡୁଲମ୍ ଭଳି । ନାଟ୍ୟ ଜଗତରେ ଅଜସ୍ର ପ୍ରଶଂସା, ଖ୍ୟାତି ଅର୍ଜନ କରିଥିବା ପ୍ରଭାସ କୁମାର କିନ୍ତୁ ଆତ୍ମସନ୍ତୋଷ ପାଇପାରିନାହାଁନ୍ତି । ବାରମ୍ବାର ନିଜକୁ ଦାୟି କରିଛନ୍ତି ନିଜ ସ୍ତ୍ରୀର ମୃତ୍ୟୁ ପାଇଁ ଦର୍ଶକଙ୍କ ଆତ୍ମସନ୍ତୋଷ ପାଇଁ । ସେ ପରିବାରକୁ ଭୁଲି ଯାଇଥିଲେ । ମାତ୍ର ତାଙ୍କ ଅନୁପସ୍ଥିତିରେ ଯେତେବେଳେ ସ୍ତ୍ରୀ ସୁଚରିତାର ମୃତ୍ୟୁ ଖବର ପାଇଛନ୍ତି ଅନ୍ୟକୁ କନ୍ଦାଉଥିବା ପ୍ରଭାସ କୁମାର ନିଜେ କଇଁ କଇଁ ହୋଇ କାନ୍ଦିଉଠିଛନ୍ତି । ଗାଳ୍ପିକଙ୍କ ଭାଷାରେ- "ପ୍ରଭାସ କୁମାରଙ୍କର ମୁଣ୍ଡ ଘୂରାଇ ଦେଲା । ଢ଼ୁଇର ଖୁବ୍ ନିକଟରେ ପଡ଼ିଗଲେ ସେ । ତାଙ୍କ ଚେତନା ଶକ୍ତି ଲୋପ ପାଇବାକୁ ବସିଲା । ଏହି ଚେତନା ଆଉ ଅବଚେତନ ଭାବାପନ୍ନ ଅବସ୍ଥାରେ, ପ୍ରଭାସ କୁମାର ନିଜକୁ ଖୋଜୁଥିଲେ । ଅନୁତାପର ତତଲା ଲୁହରେ ନିଜର ସମସ୍ତ ଗ୍ଲାନିକୁ ଧୋଇଦେଇ ଅତୀତର ଲୁହ ଭିଜା ସ୍ମୃତିକୁ ମନେ ପକାଇଲେ..........ସେ" । (ପୃ.୩୦୪)

ଜୀବନ ଏକ ଜଟିଳ ପ୍ରଶ୍ନ । ଯାହାର କୌଣସି ନିର୍ଭୁଲ ଉତ୍ତର ନାହିଁ । ଜୀବନର ଆରମ୍ଭ କେଉଁଠୁ ତା'ର ଅବଶେଷ ବା କ'ଣ କିଏ ଜାଣେ ସେ କଥା? ପ୍ରତ୍ୟେକ ମଣିଷର ଜୀବନ ଦର୍ଶନ ସ୍ୱତନ୍ତ୍ର । ବେଳେବେଳେ ମଣିଷର ଜୀବନ-ଦର୍ଶନ ଅବସ୍ଥା ଚକ୍ରରେ ବଦଳି ବି ଯାଏ ।

ରୀତା ବରିଶାଲର ଆଜି ସେଇ ଅବସ୍ଥା । ଗାନ୍ଧୀବାଦୀ ଚେତନାରେ ଆନୁପ୍ରାଣୀତ ସୁକାନ୍ତ ଛୋଟରାୟକୁ ବିବାହ କରି ସେ ସେଦିନ ଖୁସି ହୋଇଥିଲା କାରଣ ତାର ଚିନ୍ତାଧାରା ହିଁ ଫଳପ୍ରଦ ହେବାକୁ ଯାଉଛି । "ବଞ୍ଚିବା ପାଇଁ ଆଦର୍ଶଗତ ଜୀବନ ବିତାଇବା ପାଇଁ ରୀତା ସବୁବେଳେ ଯେପରି ଯତ୍ନବାନ ଜୀବନର ସବୁ ସ୍ୱପ୍ନ ଇଚ୍ଛା/ସବୁ ସ୍ମୃତିକୁ ଭୁଲିଯାଇ ସେ ଆଉ ଗୋଟିଏ ନୂତନ ସ୍ୱପ୍ନକୁ ସାକାର କରିବା ପାଇଁ ସେପରି ମଧ୍ୟ ପ୍ରତିଜ୍ଞାବଦ୍ଧ ।"(ପୃ-୫୦୮) କିନ୍ତୁ ଗାନ୍ଧୀବାଦର ଢ଼େଙ୍ଗୁରା ପିଟୁଥିବା ସ୍ୱାମୀ ଆଉ ଶ୍ୱଶୁରଙ୍କ କାର୍ଯ୍ୟକଳାପ ଯେତେବେଳେ ତା ଦୃଷ୍ଟିରେ ପଡ଼ିଛି । ସେତେବେଳେ ସେ ଭାଙ୍ଗିପଡ଼ିଛି । କାରଣ ପିଲାବେଳୁ ସାଧୁ ଆଉ ନିଜ ସଚ୍ଚୋଟତାର କଥା କହି ଆସୁଥିବା ରୀତା ବରୀଶାଲ ନିଜ ଚିନ୍ତା ଓ ଚେତନାର ପରିସରରୁ ହଟିଯାଇ ପାରୁନଥିଲା । ମୃତ୍ୟୁ ଯେମିତି ତାକୁ ଟାଣି ନେଉଥିଲା ନିଜ ପାଖକୁ । ପ୍ରତିକୂଳ ପରିସ୍ଥିତି ଜୀବନରେ କଳାବାଦଲ ଢାଙ୍କିଦିଏ ସତ, ସ୍ୱାର୍ଥହୀନ ସଚ୍ଚୋଟତା ଜୀବନକୁ ଚିରକାଳ ଝଟକାଉଥାଏ ।

ସେହିପରି ମାଆର କୋଳ, ବୋଉର ଚିଠି, ମାଆର ପଣତ କାନି, ପୁଅପାଇଁ, ସନ୍ତାନ, ମା, ବାପା, ଗୋପୀ ମାଷ୍ଟ୍ରେ, ଅପାଠୋଇ ଅଲଣା ବୋଉର, କଥା ଇତ୍ୟାଦି ଗଳ୍ପରେ ଜୀବନ ଏକ ସ୍ରୋତପରି ବହିଚାଲିଛି । ପାରିବାରିକ ସମ୍ପର୍କ ବାପ ପୁଅ- ମାଆ ପୁଅର ସମ୍ପର୍କ ଭିତରେ ଯେମିତି ଅନେକ ଫାଙ୍କ । ବୃଦ୍ଧାବସ୍ଥା ଉପନୀତ ହେଲେ ସେମାନେ ନିଜ ସନ୍ତାନମାନଙ୍କ ପାଖରେ ଅଦରକାରୀ ହୋଇଯାନ୍ତି । ପିତାମାତା ସେମାନଙ୍କ ଉପରେ ଆର୍ଶୀବାଦ ଅଜାଡୁଥାନ୍ତି । ବ୍ୟଥାତୁର ପ୍ରାଣର ବେଦନାକୁ ଉପଶମ କରିବା ପାଇଁ ଭଗବାନଙ୍କୁ ଡ଼ାକିଚାଲନ୍ତି "ମହାପ୍ରଭୁ ସେମାନଙ୍କୁ ଭଲରେ ରଖିଥାଅ" । ସେମାନଙ୍କର କିଛି ଆଶା ନଥାଏ, ଆକାଙ୍କ୍ଷା ନଥାଏ, ଥାଏ କେବଳ ଅନାବିଳ ସ୍ନେହ । ଜୀବନ କହିଲେ ସେମାନେ ବୁଝନ୍ତି ସନ୍ତାନର ମଙ୍ଗଳ ବିଧାନ । ସମୁଦାୟ ଦୁଃଖକୁ ନିଜେ ଆକଣ୍ଠ ପାନକରି ପିଲାମାନଙ୍କର ସୁଖ ମନାସନ୍ତି । ପ୍ରାପ୍ତିରେ ଆଶାନଥାଏ, କି ଅପ୍ରାପ୍ତିରେ ଦୁଃଖ ନଥାଏ, ପ୍ରେମରେ ହିସାବ ଥାଏ କି ବୈରାଗରେ ହତାଶା ନଥାଏ । ଥାଏ କେବଳ ନିଜର ସଙ୍କୁଚିତ ମାର୍ଗଦେଇ ରକ୍ତର ବିସ୍ତାରିତ ପଥକୁ ଆହୁରି ବିସ୍ତାରିତ କରିବା ।

ଗାଳ୍ପିକ ତାଙ୍କର ଅନାହାର, ଅପେକ୍ଷାକର, ଲୁଣ୍ଠିତ ସକାଳ, ଧର୍ମାନ୍ତର, ଆଗାମୀ, ମାଟିପୂଜା, ଦାଗ, ଛୁନେରୀର ଦୁଃଖ, ରକ୍ତ ରାଗ ଇତ୍ୟାଦି ଗଳ୍ପରେ ପଛୁଆ ଅନୁନ୍ନତ ଆଦିବାସୀ ଜୀବନର ସରଳତା, ଅସହାୟତା ଓ ମାନବିକତାକୁ ବଖାଣିଛନ୍ତି । ସେମାନଙ୍କର ଚଳଣି, ଜୀବନଯାତ୍ରା ସରଳପଣିଆ ସବୁକିଛି ରୋମାଞ୍ଚ ସୃଷ୍ଟିକାରୀ । ସଭ୍ୟସମାଜର ଲୋକମାନେ ସେମାନଙ୍କୁ ମଣିଷ ଭାବରେ ବିଚାର କରନ୍ତିନି । ସେମାନଙ୍କୁ ହୀନ ପଶୁଭଳି ଦେଖନ୍ତି, କିନ୍ତୁ ସେମାନେ ସଭ୍ୟସମାଜର ଜଟିଳତା, କୁଟିଳତା, ଅପରାଧ ପ୍ରବଣତା, ଅମାନବିକତାଠାରୁ ଅନେକ ଉର୍ଦ୍ଧ୍ୱରେ । ଜମିଦାର ଟାଉଟରମାନଙ୍କର ନିର୍ମମ ଅତ୍ୟାଚାର ଓ ନିଷ୍ଠୁର ବ୍ୟବହାର ମଥା ଉପରେ ଥାପି ସେମାନେ ତାଙ୍କର ନିତିଦିନିଆ ପସରା ମେଲି ଦିଅନ୍ତି । ଶ୍ରମ ବଦଳରେ ଲାଭ କରୁଥିବା ଅର୍ଥ ସେମାନଙ୍କର ଆବଶ୍ୟକୀୟ ଚାହିଦା ମେଣ୍ଟାଇବାକୁ କ୍ଷମ ନ ହେଲେବି ସେମାନେ ସେତିକିରେ ସନ୍ତୁଷ୍ଟ । ସରଳ ପ୍ରାଣ ସେହି ମଣିଷମାନେ ଅତ୍ୟନ୍ତ ପରୋପକାରୀ । ଅର୍ଥନୀତିର ତଳ ସୋପାନରେ ବସିଥିବା ଏହି ଆଦିବାସୀମାନେ ସାମାଜିକ ନ୍ୟାୟରେ ବଞ୍ଚିତ ହୋଇଥାନ୍ତି ଏବଂ ସେମାନେ ଯେତେ ଚେଷ୍ଟାକଲେ ମଧ୍ୟ ସେମାନଙ୍କର ପ୍ରତିକ୍ରିୟା ନିଷ୍ଫଳ ହୋଇଯାଏ । ସେମାନେ ଚାହାଁନ୍ତି ନି ଚାକଚକ୍ୟ ଜୀବନ । ରାତ୍ରିରେ ଗଭୀର ନିଦ୍ରା ସତ୍ତ୍ୱେ ସେମାନେ ଦେଖନ୍ତିନି ସ୍ୱପ୍ନ । ସେମାନଙ୍କ ଚେତନରା ଉଷ୍ମତା ଥାଏ ସତ ଜାଳି

ଦେବାର କ୍ଷମତା ନଥାଏ । ଗଣ୍ଡାଏ ଦାନା ଖଣ୍ଡିଏ କନା ଭିତରେ ବି ସେମାନଙ୍କ ଜୀବନ ଆନନ୍ଦମୟ । ସେମାନେ ମଣିଷ କିନ୍ତୁ ସୁଖ ସୌଭାଗ୍ୟର ଆଶାଭିଳାଷ ନଥାଏ । ଜୀବନ ଧାରଣ କରିବାକୁ ଓ ସାଧାରଣ ଜୀବନରୁ ଟିକିଏ ବଞ୍ଚିତ ହେଲେ ସେମାନେ ଅପରାଧ କରିବାକୁ ମଧ୍ୟ ପଶ୍ଚାତ୍ ପଦ ହୁଅନ୍ତି ନାହିଁ ।

ଏଠାରେ ଗାଳ୍ପିକଙ୍କ ଆଉ କେତୋଟି ଗଳ୍ପରେ ସନ୍ନିବେଶିତ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀର ପରିଚୟ ମିଳେ, ଯଥା - "କିନ୍ତୁ ସେ ଆଜି ଏଇ ପ୍ରଥମ କରି ଉପଲବ୍ଧି କଲା ଯେ ଏହି ହଜେଇ ଦେବା ଭିତରେ ଗୋଟାଏ ଜୀବନ ଅଛି, ଗୋଟାଏ ମାଦକତା ଭରି ରହିଛି, ଗୋଟାଏ ମୂଲ୍ୟବୋଧ ଅଛି ।" (ଚିତ୍ରକୁଟ, ପୃ-୯) "ଜୀବନକୁ ଗଢ଼ିବା ଏ ମଣିଷ ହାତରେ ହୋଇପାରେନି, ଜୀବନକୁ ଆଘାତ ଦେବା ସେ ମଣିଷର ଅଧିକାର ଆସିଲା କେଉଁଠୁ..........?" (ଚିତ୍ରକୂଟ, ପୃ-୧୧) ସେ ନିଶ୍ଚିନ୍ତରେ ଜୀବନକୁ ନେଇ ଉପଭୋଗ କରନ୍ତି ଏବଂ ମୋ ଜୀବନ ସହିତ ଖେଳନ୍ତି......... । (ଆତ୍ମଲିପି- ଏକ କାଠ କୁଣ୍ଢେଇର ପୃ-୧୬) ଜୀବନସାରା ଅନବରତ ସଂଗ୍ରାମ କରି କରି ସେମାନେ ଯେପରି କ୍ଳାନ୍ତ ହୋଇ ପଡ଼ିଲେଣି । ତଥାପି ତାଙ୍କ ମୁଣ୍ଡପରେ ହତାଶାର ଜ୍ଵଳନକୁ ବହନ କରି ସଂଗ୍ରାମ କରି ଚାଲିଛନ୍ତି । ସେ ସଂଗ୍ରାମ ବଞ୍ଚିବା ପାଇଁ ।" (ସମୟର ଆର୍ତ୍ତନାଦ, ପୃ-୫୪) "ସେମାନେ ଦୁଇଟି ଜୀବନ । ଆମ ସମାଜ ଭିତରୁ ଆସିଛନ୍ତି । ଆମ ଆଗରେ ହାତ ପତାଇ ନିଳଠା ଜୀବନକୁ ବଞ୍ଚାଇବା ପାଇଁ ସେମାନଙ୍କ ପରିଚୟ.....? "ତୁମେ ଦେଖିବ, ଏହା ଆମକୁ ଗୋଟିଏ ନୂଆ ଜୀବନ ଦେଇ ପାରିବ, ଗୋଟିଏ ନୂଆ ପୃଥିବୀରେ ନୂତନ ଆଲୋକର ସନ୍ଧାନ ଦେବ ।" (ଅପେକ୍ଷା କର, ପୃ-୧୮୬) "ମାତ୍ର ସେ ଆଶାର ଆଲୋକ ସବୁଦିନ ପାଇଁ ତାଙ୍କ ଜୀବନରୁ ନିର୍ବାପିତ ହେଲା । ଜୀବନର ଏକ ତୃତୀୟାଂଶ କେବଳ ଶଠତା ପ୍ରବଞ୍ଚନା ଭିତରେ, ଯନ୍ତ୍ରଣା ଜର୍ଜରିତ ପରିବେଶ ମଧ୍ୟରେ ଅତିବାହିତ ହୋଇଗଲା ।"(କେଶବ ବାବା ଫେରିଆସିଛନ୍ତି ପୃ-୧୯୫) "କିନ୍ତୁ ଆଜି ଅବକାଶ କାହିଁକି ତା' ଜୀବନର ସଂଗ୍ରାମପଥରେ ଯେପରି ହାରିଯାଉଛି । ତାକୁ କାହିଁକି ଏ ପୃଥିବୀଟା ଅନ୍ଧକାରମୟ ଦିଶୁଛି ।" (ନିଜ ସିଂହାସନ ପୃ-୨୪୬) ପଦ୍ମାବତୀ ଜୀବନର ଅଫୁରନ୍ତ ସ୍ଵପ୍ନର କଳିକାଟିକୁ ଫୁଟାଇପାରିବ ନାହିଁ ? ତା'ର ଚାରିପାଖରେ ତ ଅନ୍ଧକାରଚ୍ଛନ୍ନ କୁହୁଡ଼ି ଘେରି ଗଲାଣି.....?" (ନିଜ ସିଂହାସନ, ପୃ-୨୪୭) ତା'ର ଏବେବି ମନେଅଛି ସେ ଯେଉଁ ଦିନ ତାଆ ଜୀବନର ସକଳ ଅଧ୍ୟବସାୟ ସାଧନାର ଉଚ୍ଚତର ଉପାଧି ନେଇ ଗାଁରେ ପହଞ୍ଚିଲା, ସେ ଦିନ - ଗାଁର ପ୍ରତ୍ୟେକଟି ଆଖି ଶାନ୍ତନୁକୁ ପ୍ରଶ୍ନିଳ ଆଖିରେ ଚାହିଁ ରହିଲା ।"(ଭଙ୍ଗା ବେହେଲାର ସ୍ଵର, ପୃ.୨୬୯) ଏବେ ବି ସେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ନେଇ ଜୀବନର କିଛିଟା ସ୍ଵାଦ ଚାଖି ଚାଲିଛନ୍ତି । ସାମୟିକ ଭାବେ ଅନେକ ବନ୍ଧୁ, ପରିଜନଙ୍କୁ ନେଇ ଜୀବନର କିଛିଟା ସ୍ଵାଦୁ ଚାଖି ଚାଲିଛନ୍ତି ।" (ଖୋଳପା ପିନ୍ଧିଥିବା ମଣିଷଟି, ପୃ-୩୦୪) ସେ ଥିଲା ରଙ୍ଗମଞ୍ଚର ନାଟକ, କିନ୍ତୁ ଏ ହେଉଛି ତାଙ୍କ ଜୀବନ ରଙ୍ଗମଞ୍ଚର ନାଟକ ।" (ଜୁଇର ଶେଷ ଶିକ୍ଷା, ପୃ-୩୦୭) "ଜୀବନର ସବୁ ଫୁଲ ଯେପରି ମଉଳିଗଲା, ସବୁ ସପନ ବି ଭାଙ୍ଗିଗଲା ଆଉ ସେମାନେ ଏଠି ଏ ପୁରୁଣା କାଳିଆ ଚଉପାଠୀ ଘର ଭିଅକୁ ଆସି ଦେଖିବେ କାହିଁକି.....?" (ପରିବାର, ପୃ-୬୩୫) "ଜୀବନର ଶେଷ ବେଳାରେ ନିଜର କେହି ଆତ୍ମୀୟ ସହିତ ଦେଖା ହୋଇଗଲେ, ଜୀବନର ଚାଲିବା ବାଟରେ ଭୋଗ କରୁଥିବା ଦୁଃଖ ଓ ଯନ୍ତ୍ରଣା ଟିକିଏ ଲାଘବ ହୋଇଥାଏ ।" (ବୋଉର ଚିଠି, ପୃ-୫୬୯) "ସବୁବେଳେ ଜୀବନକୁ ଆନନ୍ଦରେ ବିତାଇ ଆସିଥିବା ମଣିଷଟି ଆଜି ଯେପରି ଦୁଃଖ ନଈର ଅତଳ ଘାଇ ଭିତରେ ପଡ଼ିଯାଇଛି ।" (ଭିଟାମାଟିର ଗନ୍ଧ, ପୃ- ୫୩୭) ହଁ, ସବୁଠି ଆମ ବଞ୍ଚିବାର ଧାରା, ଜୀବନ ବିତାଇବାର ଢଙ୍ଗ ଏକାପରି ଥିଲା । ଆମ ଦୁଃଖକୁ କେହି ଜଣେ ହେଲେ ଆସି ଲାଘବ କରି ପାରିନାହାନ୍ତି କି ଆମ ଖଟିଖିଆ ଜୀବନକୁ ଟିକିଏ ସୁଖରେ ବି ବଞ୍ଚିବାର ସୁଯୋଗ ଦେଇନାହାଁନ୍ତି । (ବେଙ୍ଗାଇ ଯୋଗ ଗାଁରୁ କଳିଙ୍ଗନଗର କେତେ ଦୂର, ପୃ-୪୮୩) ।

ମୋଟ ଉପରେ କହିବାକୁ ଗଲେ ଶ୍ରୀ ନାୟକଙ୍କର ଗଳ୍ପ ଗୁଡ଼ିକରେ ଗଭୀର ଜୀବନଦର୍ଶନର ଚିତ୍ର ପରିଲକ୍ଷିତ । ଜୀବନର ପ୍ରବାହମାନତାରେ ମାନବିକ ସମ୍ପର୍କର ସୂକ୍ଷ୍ମ ପରିଚର୍ଯ୍ୟା ଏହି ଗଳ୍ପଗୁଡ଼ିକର ମାର୍ମିକ ଆବେଦନ । କେତେବେଳେ ଉଚ୍ଛ୍ଵାସମୟ ତ କେତେବେଳେ ଗଭୀରରୁ ଗଭୀରତମ ଉପଲବ୍ଧିର ସଂରଚନା ଭାବବିନ୍ଦୁର ଚରମ ନିର୍ଯ୍ୟାସକୁ ବହନ କରି ବାହିନେବାରେ ତାଙ୍କ ଗଳ୍ପ ହୋଇଛି ଜୀବନ ଧର୍ମୀ ।

### ସହାୟକ ଗ୍ରନ୍ଥସୂଚୀ


୧. ସାହୁ ଆଦିକନ୍ଦ - ଓଡ଼ିଆ ଗଳ୍ପ ଉପନ୍ୟାସର ନବଦିଗନ୍ତ, ପୃ-୨

୨. ସାମଲ ପ୍ରଫେସର ବୈଷ୍ଣବ ଚରଣ – ଓଡ଼ିଆ ଗଳ୍ପର ଉନ୍ମେଷ ଓ ଉତ୍ତରଣ, ପୃ-୨୬୪

୩. ବାରିକ ସୌରୀନ୍ଦ୍ର - ବାମନର ପାଦ, ପୃ-୭୨

୪. ବର୍ତ୍ତିକା - ଦଶହରା ମହାବିଶେଷାଙ୍କ -ପୃ୧୦୧୭

୫. ପରିଡ଼ା ପ୍ରକାଶ କୁମାର - କଥା- କଥାଗ୍ରନ୍ଥ -କଥାକାର ପୃ-୪୬

୬. ଶତପଥୀ ବିଜୟ କୁମାର - ଭଗବତୀ ଚରମ ଗଳ୍ପମାଳା, ପୃ-୭

୮. ବାରିକ ଡ଼କ୍ଟର କବିତା - ଶହେବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ଵିକ ବିଶ୍ଳେଷଣ ପୃ- ୨୩୮

୯. ବାରିକ ଡ଼କ୍ଟର ବନଜ ବାସିନୀ - ଓଡ଼ିଆ ଗଳ୍ପରେ ନବଚେତନା, ପୃ-୬୮